# First India-Australia 2+2 Ministerial Dialogue

September 09, 2021

## ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ 2+2 ମନ୍ତ୍ରୀସ୍ତରୀୟ ଆଲୋଚନା

**ସେପ୍ଟେମ୍ବର 09, 2021**

ଭାରତ 11 ସେପ୍ଟେମ୍ବର 2021 ରେ ନୂଆଦିଲ୍ଲୀଠାରେ ପ୍ରଥମ ଭାରତ-ଅଷ୍ଟ୍ରେଲିଆ 2+2 ମନ୍ତ୍ରୀସ୍ତରୀୟ ଆଲୋଚନା ଆୟୋଜନ କରିବ। ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀମତୀ ମାରିସ୍ ପେନ୍ ଏବଂ ପ୍ରତିରକ୍ଷା ମନ୍ତ୍ରୀ ମାନ୍ୟବର ଶ୍ରୀ ପିଟର ଡଟନ୍ 10-12 ସେପ୍ଟେମ୍ବର 2021 ରେ ଭାରତ ଗସ୍ତରେ ଆସି ଏହି ଆଲୋଚନାରେ ଅଂଶଗ୍ରହଣ କରିବେ। ଭାରତ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଭାରତୀୟ ଦଳର ପ୍ରତିନିଧିତ୍ୱ କରିବେ ଯେଉଁଥିରେ ପ୍ରତିରକ୍ଷା ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀମାନେ ସାମିଲ ହେବେ।

4 ଜୁନ 2020 ରେ ଭାରତ-ଅଷ୍ଟ୍ରେଲିଆ ନେତାଗଣଙ୍କ ଭର୍ଚୁଆଲ୍ ଶିଖର ସମ୍ମିଳନୀରେ ଭାରତ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସମ୍ପର୍କକୁ ବିସ୍ତୃତ ରଣନୀତିକ ଭାଗିଦାରୀକୁ ଉନ୍ନୀତ କରିବା ଅନୁଯାୟୀ ଏହି 2+2 ମନ୍ତ୍ରୀସ୍ତରୀୟ ଆଲୋଚନା ଅନୁଷ୍ଠିତ ହେଉଛି। ପାରସ୍ପରିକ ସ୍ୱାର୍ଥର ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଏହି ଆଲୋଚନାର ବିଷୟବସ୍ତୁରେ ଅନ୍ତର୍ଭୁକ୍ତ ହେବ।

**ନୂଆଦିଲ୍ଲୀ**

**ସେପ୍ଟେମ୍ବର 09, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.